# Akashvani, Sambalpur

## SAMBALPURI NEWS EVENING BULLETIN

## 20 September 2024- 7.02 pm- 7.12 pm.

*********************************************

୧- ପିଏମ୍ ବିଶ୍ୱକର୍ମା ଯୋଜ୍‌ନାର୍ ବର୍ଷେ ପୁର୍‌ବାର୍ ଅବ୍‌ସରେ ମହାରାଷ୍ଟ୍ର ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ଆଭାସୀ ଜରିଏ ଯୋଗ୍ ଦେଲେ ପ୍ରଧାନ୍‌ମନ୍ତ୍ରୀ ।

- ହିତାଧିକାରୀମାନ୍‌କୁ ଦେଲେ ଦକ୍ଷତା ପ୍ରମାଣ୍‌ପତ୍ର ।

୨- ଏଏସ୍‌ଆଇ ତର୍‌ଫୁ ଆଏବା କାଏଲ୍‌ନୁ ୩ ଦିନ୍‌ତକ୍ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍‌ର ହେବା ବୈଷୟିକ ସର୍ଭେ ।

- ଦିନର୍ ୨ ବଜେନୁ ସଞ୍ଜ୍‌ବେଲର୍ ୬ ବଜେତକ୍ ବନ୍ଦ୍ ରହେବା ସର୍ବସାଧାରଣ ଦର୍ଶନ୍ ।

୩- ରାଜ୍ୟ ସର୍‌କାର୍‌ଙ୍କର୍ ଶହେ ଦିନ୍ ପୁରା ହେବାର୍ ଅବ୍‌ସରେ ଭିନ୍ ଭିନ୍ ଜାଗା ନ ହେଉଛେ ଜିଲ୍ଲାସ୍ତରୀୟ ବିକାଶ୍ ମେଳା ।

ଆଉର୍

୪- ଦେଶ୍‌ନୁ ଆଏବା ୨ ନୁ ୩ ଦିନ୍ ଭିତ୍‌ରେ ମୌସୁମୀ ଫିର୍‌ବାର୍ ପ୍ରକ୍ରିୟା ହେବା ମୁଲ୍ ।

ପିଏମ୍ ବିଶ୍ୱକର୍ମା ଆର୍ଏନ୍ୟୁ/ କଟକ୍

ପିଏମ୍ ବିଶ୍ୱକର୍ମା ଯୋଜ୍ନାର୍ ହିତାଧିକାରୀମାନ୍କର୍ ଲାଗି ସର୍କାର୍ ନେଇଥିବା ପଦକ୍ଷେପ୍ ସେମାନ୍କର୍ କୁଶଳୀ କାରିଗରୀକେ ସଂରକ୍ଷିତ୍ ରଖିବାର୍ ସହେତେ ଆର୍ଥିକ୍ ଅଭିବୃଦ୍ଧି କ୍ଷେତ୍ରଥି ବହୁତ୍ଟେ ସାହାଜ୍ ହେଇପାରିଛେ ବଲି ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ପି.ଏମ୍. ବିଶ୍ୱକର୍ମା ଯୋଜ୍ନାର୍ ବଛ୍ରେ ପୁର୍ବାର୍ ଅବ୍ସରେ ଆଏଜ୍ ମହାରାଷ୍ଟ୍ରର୍ ୱାର୍ଦ୍ଧା ନ ଆଭାସୀ ଜରିଏ ଲାଖେ ହିତାଧିକାରୀଙ୍କୁ ପ୍ରମାଣ୍ପତ୍ର ଦେବାର୍ ସହେତେ ଲାଖେ ପି.ଏମ୍ ବିଶ୍ୱକର୍ମାଙ୍କୁ ଦକ୍ଷତା ପ୍ରମାଣ୍ପତ୍ର ଆଉ ୭୫ ହଜାର୍ ହିତାଧିକାରୀଙ୍କୁ ଋଣ ଲାଗି ମଞ୍ଜୁରୀ ଦେଇଛନ୍ । ବିଶ୍ୱକର୍ମା ଯୋଜ୍ନାଥି ୧୮ ଟା ବର୍ଗ ନ ହିତାଧିକାରୀମାନ୍କର୍ ଦକ୍ଷତା ବଢ଼ାବାର୍ ଲାଗି ୧୫ ହଜାର୍ ଟଙ୍କା ଲେଖା ସର୍କାର୍ ଦେସନ୍ । ଅଣପଞ୍ଜିକୃତ କ୍ଷେତ୍ରଥି କୁଶଳୀ କାରିଗର୍ମାନ୍କର୍ ଦକ୍ଷତା ବଢ଼ାବାର୍ ସହେତେ ସେମାନ୍କର୍ ଆର୍ଥିକ୍ ଅଭିବୃଦ୍ଧି ଲାଗି ସର୍କାର୍ ଇ ପଦକ୍ଷେପ୍ ନେଇଛନ୍ । ପି.ଏମ୍. ବିଶ୍ୱକର୍ମା ଯୋଜ୍ନାଥି ମୂର୍ତ୍ତି କାରିଗର୍, କୁମ୍ଭାର, ଲୁହୁରା, ବଢ଼େଇ, ସୁନାରୀ ଆର୍ ରାଜ୍ମିସ୍ତ୍ରୀଙ୍କର୍ ସହେତେ ୧୮ ଟା ବର୍ଗର୍ କାରିଗର୍ ଆର୍ ହସ୍ତଶିଳ୍ପୀ ଲାଭ୍ ପାଉଛନ୍ । ଇ ଯୋଜ୍ନା ହେଉଛେ ଗୁରୁଶିଷ୍ୟ ପରମ୍ପରା ଆଉ ପାରମ୍ପାରିକ୍ କୌଳିକ ବୃତି

ତହଁକାବାର୍ ଲାଗି ଯୋଜ୍ନା ତିଆର୍ କରାଯାଇଛେ । ପ୍ରଧାନ୍‌ମନ୍ତ୍ରୀ କହିଛନ୍...

(ଭଏସ୍ ଓଭର୍-୧-ପ୍ରଧାନ୍‌ମନ୍ତ୍ରୀ)

କେନ୍ଦ୍ର ସର୍‌କାର୍‌ଙ୍କର୍ ପୁରା ଅନୁଦାନ୍‌ଥି ୨୦୨୩ ମସିହାନୁ ମୁଲ୍ ହେଇଥିବା ଇ ଯୋଜ୍ନା ୨୦୨୮ ମସିହାତକ୍ କାର୍ଯ୍ୟକାରୀ ହେବା । ଇଥିର୍‌ଲାଗି ସର୍‌କାର୍ ୧୩ ହଜାର୍ କୋଟି ଟଙ୍କାର୍ ବ୍ୟୟବରାଦ୍ କରିଛନ୍ । ପି.ଏମ୍. ବିଶ୍ୱକର୍ମା ଯୋଜ୍ନାଥି ଶିଳ୍ପୀ ଆଉ କାରିଗର୍‌ମାନ୍‌କୁ ୫ ପ୍ରତିଶତ୍ ରିହାତି ସୁଧହାର ସହେତେ ପ୍ରଧାନ୍‌ମନ୍ତ୍ରୀ ବିଶ୍ୱକର୍ମା ସାର୍ଟିଫିକେଟ୍ ଆଉ ହିତାଧିକାରୀମାନ୍‌କୁ ପହେଲା କିସ୍ତିଥି ଲାଖେ ଟଙ୍କା ଆଉ ୨ ନମ୍ବର୍ କିସ୍ତିଥି ୨ ଲାଖ୍ ଟଙ୍କା ଲେଖେଁ ବନ୍ଧନ୍ ମୁକ୍ତ ଋଣ ସାହାଜ୍ ଦିଆଯାଉଛେ ।

ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ଆର୍‌ଏନ୍‌ୟୁ/ କଟକ୍

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ୍ ସଂସ୍ଥା-ଏଏସ୍‌ଆଇ ତର୍‌ଫୁ ଆଏବା କାଏଲ୍‌ନୁ ସୋମ୍‌ବାର୍‌ତକ୍ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍‌ର ବୈଷୟିକ ସର୍ଭେ କରାଯିବା । ଦୁଇପହରର୍ ୨ ବଜୁ ସଞ୍ଝର୍ ୬ ବଜେତକ୍ ସର୍ଭେ କର୍‌ବାର୍ ଲାଗି ସମିଆ ଧାରିଜ୍ କରାଯାଇଛେ । ମଙ୍ଗଳବାର୍‌ତକ୍ ରତ୍ନଭଣ୍ଡାର୍‌ର ବୈଷୟିକ ସର୍ଭେ କାମ୍ ଶେଷ୍ କର୍‌ବାର୍‌କେ ଏଏସ୍‌ଆଇ ମହାନିର୍ଦ୍ଦେଶକଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର୍

ଅରବିନ୍ଦ ପାଢ଼ୀ ଚିଠି ଲେଖିକରି ଅନୁରୋଧ୍ କରିଥିଲେ । ରାଜ୍ୟ ସର୍କାର୍ ଅନୁମୋଦନ୍ କରିଥିବା ମାର୍ଗଦର୍ଶିକା ଏସ୍ଓପି ଅନ୍ସାରେ ଇ ସର୍ଭେ କରାଯିବା । ସେଥିର୍ଲାଗି ୩ ଦିନ୍ ଶ୍ରୀଜୀଉଙ୍କର୍ ନୀତିକାନ୍ତି ଆଉ ସେବା ପୂଜାଥି ବାଧା ନାଇଁ କରିକରି ନିରୀକ୍ଷଣ୍ ପ୍ରକ୍ରିୟା କର୍ବାର୍ ଲାଗି ଦର୍କାରୀ ସମୟ ଦେବାର୍ ଲାଗି ବିଶେଷ୍ ନୀତି ନିର୍ଘଂଟ ତିଆର୍ କରାଯାଇଛେ । ବିଶେଷ୍ ନୀତି ନିର୍ଘଂଟ ଅନ୍ସାରେ ଦିନର୍ ୧ ବଜେନୁ ନିରୀକ୍ଷଣ କାମ୍ ଶେଷ୍ ହେବାର୍ତକ୍ ସନ୍ଧ୍ୟା ୬ ବଜେତକ୍ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା । ଶ୍ରୀମନ୍ଦିର୍ ନ ଆଏବା ମଙ୍ଗଲ୍ବାର୍ନୁ ଦଶହରାର ଷୋହଳ ପୂଜା ମୁଳ୍ ହେବା ।

## ପ୍ରଧାନ୍ମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନ

ଆର୍ଏନ୍ୟୁ / ସମ୍ବଲପୁର

ପ୍ରଧାନ୍ମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନ୍ଥି ଓଡ଼ିଶାର୍ ୨୭ ଟା ଜିଲ୍ଲାର୍ ୨ ଶହ ୩୨ ଟା ବ୍ଲକ୍ର ୭ ହଜାର୍ ୬ ଶହ ୬୭ ଟା ଜନଜାତି ବହୁଳ ଗାଁର୍ ୧୦ ଲାଖ୍ ୮୫ ହଜାର୍ ୬ ଶହ ୬୧ ଟା ଜନଜାତି ପରିବାର୍ ଲାଭ୍ ପାଏବେ । କେବିନେଟ୍ ନିଷ୍ପତି ଅନ୍ସାରେ ଇ ଅଭିଯାନ୍ଥି ୨୫ ଟା କାର୍ଯ୍ୟକ୍ରମ୍ ସାମିଲ୍ ହେବା । ଆଉ ୧୭ ଟା ମନ୍ତ୍ରଣାଳୟ ଆଉ ବିଭାଗ୍ ତରଫୁ କାର୍ଯ୍ୟକାରୀ ହେବା । ଭିତିଭୂମି

ବିକାଶ୍, ସାମାଜିକ୍ ଅର୍ଥନୈତିକ୍ ସଶକ୍ତିକରଣ୍, ସମସ୍ତଙ୍କର୍ ଲାଗି ଉତମ ଶିକ୍ଷା ଆର୍ ସ୍ୱାସ୍ଥ୍ୟକର ଜୀବନ୍ ସହେତେ ସମ୍ମାନ୍ଜନକ ବାର୍ଦ୍ଧକ୍ୟକେ ତହଁକାବାର୍କେ ଇଥି ଲକ୍ଷ୍ୟ ରଖାଯାଇଛେ ।

ସିଏମ୍ କିଷାନ୍ -ପଞ୍ଜିକରଣ ଆର୍ଏନ୍ୟୁ / ସମ୍ବଲପୁର

ସିଏମ୍ କିଷାନ୍ ଯୋଜ୍ନାଥି ନୂଆଁ ହିତାଧିକାରୀମାନେ ସିଏମ୍ କିଷାନ୍ ପୋର୍ଟାଲ୍ cmkisan.odisha.gov.in ଥି ଏଛେନ୍ ଭିଲ୍ ପଞ୍ଜିକରଣ୍ କରିପାର୍ବେ । ପଞ୍ଜିକରଣ୍ ସମିଆ ଆଏବା ନଭେମ୍ବର୍ ୮ ତାରିଖ୍ତକ୍ ରଖାଯାଇଛେ । ଇ ଯୋଜ୍ନା ଜରିଏ ଚାଷୀମାନେ ୨ ହଜାର୍ ଟଙ୍କା ଲେଖା ୨ ଟା କିସ୍ତିଥି ବଛର୍କ ୪ ହଜାର୍ ଟଙ୍କାର୍ ଆର୍ଥିକ୍ ସାହାଜ୍ ପାଇପାର୍ବେ ବଲି ସଂସଦୀୟ ବ୍ୟାପାର୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ସୂଚ୍ନା ଦେଇଛନ୍ ।

ଯକ୍ଷ୍ମା- ବିସିଜି ଟୀକା ଆର୍ଏନ୍ୟୁ / ସମ୍ବଲପୁର

ରାଜ୍ୟର୍ ଯକ୍ଷ୍ମା ରୋଗ୍କେ ଆଏତ୍ କର୍ବାର୍ ଲାଗି ଆଏବା ମାସ ୧୫ ଟା ଜିଲ୍ଲା ନ ବିସିଜି ଟୀକା ଦିଆଯିବା । ପଶ୍ଚିମ ଓଡ଼ିଶାର୍ ସୁନ୍ଦର୍ଗଡ୍, ଝାର୍ସୁଗୁଡ଼ା, ବଲାଙ୍ଗିର୍, ବୌଦ୍ଧ

ସହେତେ ୧୫ ଟା ଜିଲ୍ଲାର୍ ୬ ଟା ବର୍ଗର୍ ଲୁକ୍‌କୁ ଇ ଟୀକା ଦିଆଯିବା । ୬୦ ବଛର୍‌ନୁ ଅଏତ୍‌କା ବୟସର୍ ଲୋକ୍, ଧୂମପାନକାରୀ, ଯକ୍ଷ୍ମାଥି ଚିକିତ୍ସିତ୍ ରୋଗୀ ଆଉ ତାଙ୍କର୍ ପରିବାର୍ ଲୁକ୍‌କୁ ଇ ଟୀକା ଦିଆଯିବା । ଇ ବଛର୍ ଜୁଲାଇ ମାସ୍‌ତକ୍ ରାଏଜେ ୩୫ ହଜାର୍ ରୋଗୀ ଚିହ୍ନଟ୍ ହେଇଛନ୍ । ସେଥିର୍‌ଲାଗି ଟୀକାକରଣ୍ କରାଯିବା ।

ବିକାଶ୍ ମେଳା -ସୁବର୍ଣ୍ଣପୁର୍     ସୁବର୍ଣ୍ଣପୁର୍/ କଲାହାଣ୍ଡି

ସମ୍ବାଦଦାତା

ରାଜ୍ୟ ସର୍‌କାର୍‌ଙ୍କର୍ ଶହେ ଦିନ୍ ପୁର୍‌ବାର୍ ଅବ୍‌ସରେ ସୁବର୍ଣ୍ଣପୁର୍ ରୟଲ୍ ପଡ଼ିଆ ନ ଜିଲ୍ଲାସ୍ତରୀୟ ବିକାଶ୍‌ମେଳା ଆଏଜ୍ ଉଦ୍‌ଘାଟିତ୍ ହେଇଯାଇଛେ । ୩ ଦିନ୍ ତକ୍ ଇ ମେଳା ଚାଲ୍‌ବା । ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ମୁକେଶ୍ ମହାଲିଙ୍ଗ୍ ମେଳାକେ ଉଦ୍‌ଘାଟନ୍ କରିକରି ସର୍‌କାର୍‌ଙ୍କର୍ ତର୍‌ଫୁ ଗଲା ଶହେ ଦିନ୍ ଭିତ୍‌ରେ ନିଆଯାଇଥିବା ପଦକ୍ଷେପ୍ ମାନ୍‌କର୍ ଉପ୍‌ରେ ଆଲୋଚନା କରିଥିଲେ । ବଲାଙ୍ଗିର୍ ସାଂସଦ୍ ସଙ୍ଗୀତା କୁମାରୀ ସିଂହଦେଓ, ବିଧାୟକ୍ ରଘୁନାଥ ଜଗ୍‌ଦଲା ପ୍ରମୁଖ ଅତିଥି ଭାବେ ଇଥି ଯୋଗ୍ ଦେଇକରି ୨୦୩୬ ମସିହାତକ୍ ଗୁଟେ ବିକଶିତ ଓଡ଼ିଶା ଗଠନ୍ ଲାଗି ଲୋକ୍‌ମାନ୍‌କର୍ ସହଯୋଗ୍ କାମନା କରିଥିଲେ ।

କଲାହାଣ୍ଡି ପ୍ରଶାସନ୍ ତର୍ଫୁ ଗୁଟେ ୩ ଦିନିଆ ଜିଲ୍ଲାସ୍ତରୀୟ ବିକାଶ୍ ମେଳା ଭବାନୀପାଟ୍ନାର ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଖେଲ୍‌ପଡ଼ିଆ ନ ଉଦ୍‌ଘାଟିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଦକ୍ଷତା ବିକାଶ୍ ଆଉ ବୈଷୟିକ ଶିକ୍ଷା ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ, କଲାହାଣ୍ଡି ସାଂସଦ୍ ମାଳବୀକା ଦେବୀ, ଧର୍ମଗଡ଼୍ ବିଧାୟକ୍ ସୁଧୀର୍ ରଞ୍ଜନ୍ ପାଟ୍ଟଯୋଷୀ, ଜିଲ୍ଲାପାଲ୍ ସଚିନ୍ ପାୱାର୍, ଏସ୍.ପି. ଅଭିଳାଷ ଜି. ପ୍ରମୁଖ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ସୁଭଦ୍ରା ଯୋଜ୍‌ନାର୍ ୫ ଝନ୍ ଯୋଗ୍ୟ ହିତାଧିକାରୀଙ୍କୁ ଚେକ୍ ଦିଆଯିବାର୍ ସହେତେ ସ୍ୱଚ୍ଛତା ବାବ୍‌ଦେ ଗୁଟେ ଶପଥ୍ ପାଠ କାର୍ଯ୍ୟକ୍ରମ୍ କରାଯାଇଥିଲା । ରାଜ୍ୟ ସର୍‌କାର୍‌ଙ୍କର୍ ଶହେ ଦିନର୍ ସଫଳତା ବାବ୍‌ଦେ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ତାଙ୍କର୍ ଭାଷଣ୍‌ଥି କହିଥିଲେ ।

ବିକାଶ୍‌ମେଳା        ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ପ୍ରଧାନ୍‌ପାଟ୍ ବଡ଼୍‌ବଗିଚା ଠାନେ ବିକାଶ୍‌ମେଳା ମୁଲ୍ ହେଇଛେ । ମେଳାକେ ପଂଚାୟତିରାଜ୍, ପାନୀୟଜଳ ଆଉ ଗ୍ରାମ୍ୟଉନ୍ନୟନ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଉଦ୍‌ଘାଟନ୍ କରିଛନ୍ । ଇ ମେଳା ଆଏବା ୨୨ ତାରିଖ୍‌ତକ୍ ଚାଲ୍‌ବା । ମେଳା ନ ୩୦ ଟା ଷ୍ଟଲ୍‌ଥି ହସ୍ତଶିଳ୍ପ କାରିଗର୍, ଛୋଟ୍

ଛୋଟ୍ ଉଦ୍ୟୋଗୀ ଆଉ ମହିଳା ଗୋଷ୍ଠୀମାନେ ତିଆର୍ କରିଥିବା ସାମଗ୍ରୀ ପ୍ରଦର୍ଶନ୍ କରାଯାଇଛେ । ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ, ଅତିରିକ୍ତ ଜିଲ୍ଲାପାଲ୍ ରେବେକା ବିଲୁଙ୍ଗ୍, ଜିଲ୍ଲା ପରିଷଦ୍ କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା  କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇଥିଲେ ।

ବିକାଶ୍‌ମେଳା        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ କଚ୍‌ରୀ ପଡ଼ିଆ ନ ଆଏବାକାଏଲ୍‌ନୁ ୨୩ ତାରିଖ୍‌ତକ୍ ଜିଲ୍ଲାସ୍ତରୀୟ ବିକାଶ୍‌ମେଳା ହେବା ବଲି ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା କହିଛନ୍ । ଶ୍ରୀ ପଣ୍ଡା ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି କହିଛନ୍ ଯେ, ରାଜ୍ୟ ସର୍‌କାର୍‌ଙ୍କର୍ ଗଲା ଶହେ ଦିନ୍ ଭିତ୍‌ରେ କରାଯାଇଥିବା ଭିନ୍ ଭିନ୍ ବିକାଶ୍‌ମୂଲକ୍ କାମ୍ ବାବ୍‌ଦେ ମେଳାଥି ପ୍ରଚାର୍ ପ୍ରଚାର୍ କରାଯିବା । ଓର୍‌ମାସ୍ ଆଉ ଜିଲ୍ଲାର୍ ଭିନ୍ ଭିନ୍ ବିଭାଗ୍ ତର୍‌ଫୁ ପ୍ରଦର୍ଶନୀଥି ୨୮ ଟା ଷ୍ଟଲ୍, ସାଧାରଣ ସଭା ଆଉ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ଜରିଏ ସଚେତନତା କାର୍ଯ୍ୟକ୍ରମ୍ ହେବା । ସାମ୍ବାଦିକ୍ ସମ୍ମିଲନୀଥି ଅତିରିକ୍ତ ଜିଲ୍ଲାପାଲ୍ ଅନିରୁଦ୍ଧ ପ୍ରଧାନ୍, ଉପଜିଲ୍ଲାପାଲ୍ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ପ୍ରମୁଖ ଉପସ୍ଥିତ୍ ଥିଲେ ।

ସେନ୍ତା ଆଏବାକାଏଲ୍ ସମ୍ବଲ୍‌ପୁର୍‌ର ମନ୍ଦଲିଆ ପଡ଼ିଆ ନ ଜିଲ୍ଲାସ୍ତରୀୟ ବିକାଶ୍‌ମେଳା ହେବା ।

ଆଇନ୍ ସଚେତନତା କାର୍ଯ୍ୟକ୍ରମ୍      ବୌଦ୍ଧ/ଦେବ୍‌ଗଡ୍

ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ପଦ୍ମନ୍‌ପୁର୍ ଗ୍ରାମ୍‌ପଂଚାୟତ୍‌ର ଚର୍ଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନ ପ୍ରବାସୀ ଶ୍ରମିକ୍‌ମାନ୍‌କର୍ ଭିନ୍ ଭିନ୍ ସମସ୍ୟା ଆଉ ସୁବିଧା ବାବ୍‌ଦେ ଗୁଟେ ଆଇନ୍ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ବୌଦ୍ଧ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ୍ ସଚିବ ଶାଶ୍ୱତୀ ମିଶ୍ରଙ୍କର୍ ତତ୍ତ୍ୱାବଧାନ୍‌ଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ପ୍ରବାସୀ ଶ୍ରମିକ୍‌ମାନ୍‌କର୍ ଭିନ୍ ଭିନ୍ ସମସ୍ୟା ଆଉ ଇତାର୍ ସମାଧାନ୍ ସର୍‌କାର୍‌ଙ୍କର୍ ତର୍‌ଫୁ ମିଳୁଥିବା ଶ୍ରମ କାର୍ଡ୍ ବାବ୍‌ଦେ ଆଲୋଚନା କରାଯାଇଥିଲା ।

ସେନ୍ତା ଦେବ୍‌ଗଡ୍ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ଜିଲ୍ଲା ଶିକ୍ଷା ଆଉ ପ୍ରଶିକ୍ଷଣ ପ୍ରତିଷ୍ଠାନ୍ ନ ଗୁଟେ ଆଇନ୍ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍‌ର ସମ୍ପାଦିକା ଅପୂର୍ବା ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇଥି ଏସିଡ୍ ପିଡ଼ିତାମାନ୍‌କୁ ନ୍ୟାୟ ଦେବାର୍, କ୍ଷତିପୂରଣ୍ ଆଉ

ପୋକ୍ସୋ ଆଇନ୍ ଉପ୍ରେ ଟିକ୍ନିଖି ଆଲୋଚନା କରାଯିବାର୍ ସହେତେ ଛାତ୍ରଛାତ୍ରୀମାନ୍କୁ ସଚେତନ୍ କରାଯାଇଥିଲା ।

ପାଣିପାଗ / ମୌସୁମୀ ଆର୍ଏନ୍ୟୁ/ କଟକ୍

ଦକ୍ଷିଣ ପର୍ଶ୍ଚିମ ମୌସୁମୀ ବାୟୁ ଦେଶୁ ଫିର୍ବା ବଲି ପାଣିପାଗ୍ ବିଭାଗ୍ ତର୍ଫୁ କୁହାଯାଇଛେ । ଦେଶ୍ ଉତର୍ ପର୍ଶ୍ଚିମ ଭାଗ୍ନୁ ପହେଲା ଆଏବା ୨ ନୁ ୩ ଦିନ୍ ଭିତ୍ରେ ମୌସୁମୀ ଫିର୍ବାର୍ ପ୍ରକ୍ରିୟା ମୁଲ୍ ହେବା ବଲି କୁହାଯାଇଛେ । ସେଆଡ଼େ ଆଏବା ରଏବାର୍ ଆଡ଼େ ବଙ୍ଗୋପ୍ସାଗର୍ ଆଉ ମିଆଁମାର୍ ଉପକୂଳ ନ ଗୁଟେ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେବାର୍ ସମ୍ଭାବନା ରହିଛେ । ଇତାର୍ ପ୍ରଭାବ୍ଥି ଆଏବା ୨୩ ତାରିଖ୍ନୁ ରାଏଜେ ବର୍ଷା ଅଏତ୍କା ହେଇପାରେ ବଲି ପାଣିପାଗ୍ ବିଭାଗ୍ ତର୍ଫୁ କୁହାଯାଇଛେ ।

ରାଏଜେ ଇ ମୌସୁମୀ ଋତୁଥି ସ୍ୱାଭାବିକ୍ ବର୍ଷାନୁ ୮ ପ୍ରତିଶତ୍ କମ୍ ବର୍ଷା ହେଇଥିବାର୍ ପାଣିପାଗ୍ ବିଭାଗ୍ ତର୍ଫୁ କୁହାଯାଇଛେ । ଜୁନ୍ ୧ ତାରିଖ୍ନୁ ଆଏଜ୍ତକ୍ ରାଏଜେ ୧ ହଜାର୍ ମିଲିମିଟର୍ ବର୍ଷା ହେଇଛେ । ରାଜ୍ୟର୍ ୧୯ ଟା ଜିଲ୍ଲା ନ ସ୍ୱାଭାବିକ୍ ବର୍ଷା ହେଇଥିବାର୍ ବେଲେ ୧୦ ଟା ଜିଲ୍ଲା ନ କମ୍ ବର୍ଷା ହେଇଛେ ।